# ଓଡିଶା ବିଧାନସଭା

## ଷୋଡଶ ବିଧାନସଭା

## ପଞ୍ଚଦଶ ଅଧିବେଶନ

## ରବିବାର , ନଭେମ୍ବର ୨୨ , ୨୦୨୦

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ପ୍ରଶ୍ନ ସଂଖ୍ୟା - ୮୪

**( ବିଦ୍ୟାଳୟ ଓ ଗଣଶିକ୍ଷା,ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ,ପର୍ଯ୍ୟଟନ,ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ,ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି )**

### ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ

**୧୬୧ . ଶ୍ରୀ ସୁଧୀର କୁମାର ସାମଲ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ମାନଙ୍କରେ (ସରକାରୀ, ଅନୁଦାନପ୍ରାପ୍ତ ଘରୋଇ) କେତେ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ବୀମାଭୁକ୍ତ କରାଯାଇଛି ଓ ସମସ୍ତ ବିଦ୍ୟାର୍ଥୀଙ୍କୁ ବୀମାଭୁକ୍ତ କରିବାକୁ ସରକାରଙ୍କ ପ୍ରସ୍ତାବ ଥିଲେ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ?

### ଅନୁସୂଚିତ ଜନଜାତି ଓ ଜାତିମାନଙ୍କର ଆର୍ଥିକ ବିକାଶ

**୧୬୨ . ଶ୍ରୀ ସୁଧୀର କୁମାର ସାମଲ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ଜିଲ୍ଲାରେ କେଉଁ ବ୍ଲକ ଓ ପୌରସଂସ୍ଥାରେ କେତେ ସଂଖ୍ୟକ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆ ବର୍ଗ ଜନସାଧାରଣଙ୍କ ସଂଖ୍ୟା 2011 ଜନଗଣନାରେ ଜଣାପଡିଛି ଓ ସେହିମାନଙ୍କ ସାମାଜିକ, ଆର୍ଥୀକ, ଶିକ୍ଷାଗତ ଓ ବୃତ୍ତିଗତ ବିକାଶ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

### ବନ୍ଦ ହୋଇଥିବା ପାନ୍ଥନିବାସର ପୁନରୁଦ୍ଧାର

**୧୬୩ . ଶ୍ରୀ ସୁଧୀର କୁମାର ସାମଲ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ଜିଲ୍ଲାସହ ରାଜ୍ୟର କେଉଁ ସ୍ଥାନରେ ଥିବା କେଉଁ ପାନ୍ଥନିବାସ, ପାନ୍ଥିକା କେବେଠାରୁ ବନ୍ଦ ଅଛି ; ତନ୍ମଧ୍ୟରୁ କେଉଁଗୁଡିକର ଆସବାବ ପତ୍ର, ଝରକା, କବାଟ ତାଡି ଅସାମାଜିକ ତତ୍ତ୍ୱ ନେଇଯାଇଛନ୍ତି

ପ୍ରକାଶ କରି ଏହି ପାନ୍ଥନିବାସ ଓ ପାଚ୍ଛିକାର ପୁନରୁଦ୍ଧାର ସହ ଏହାକୁ କାର୍ଯ୍ୟକ୍ଷମ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

**ବୁଣାକାରଙ୍କ ଜୀବନ ଜୀବିକାର ସୁରକ୍ଷା**

**୧୬୪ . ଶ୍ରୀ ସୁଧୀର କୁମାର ସାମଲ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ଅଧୀନରେ କେତୋଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ପଞ୍ଜିକୃତ ହୋଇଥିବା ବେଳେ କେଉଁଗୁଡିକ ବନ୍ଦ ଅଛି, କେଉଁ ସମିତି କେତେଜଣ ବୁଣାକାରଙ୍କୁ ନେଇ କାର୍ଯ୍ୟକ୍ଷମ ଅଛି ; ଅଚଳ ସମିତିକୁ କାର୍ଯ୍ୟକ୍ଷମ ସହ ସମସ୍ତ ସମିତିକୁ ସହଯୋଗ କରି ବୁଣାକାରଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

**ସାରଙ୍ଗଧର ଦାସଙ୍କର ପ୍ରତିମୂର୍ତ୍ତୀ ପ୍ରତିଷ୍ଠା**

**୧୬୫ . ଶ୍ରୀ ସୁଧୀର କୁମାର ସାମଲ :** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଢେଙ୍କାନାଳର ବରପୁତ୍ର ବିଶିଷ୍ଟ କୃଷି ବୈଜ୍ଞାନିକ, ପୂର୍ବତନ ବିଧାୟକ, ସାଂସଦ ଢେଙ୍କାନାଳ ସହ ରାଜ୍ୟର ପ୍ରଜାମଣ୍ଡଳ ଆନ୍ଦୋଳନ ନେତା ଗଡଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ସ୍ମୃତିରକ୍ଷା ସହ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

**Development of Temples**

**166 . Shri Ramesh Chandra Behera :** Will the Minister for Tourism be pleased to state that - Whether any correspondence has been made with the Collector, Nayagarh for submission of detailed proposal for declaring Baba Gatikesh Shiva Temple, Malishai, Nuagaon Block and Baba Bholeswar Shiva Temple, Routpada, Gania Block as tourist places basing on the reply to UDAQ No.-2300 Dt.28.12.2019, 1855 Dt.12.03.2020 & 246 Dt.01.10.2020; If so, will the Government take early necessary steps in the matter for development of said temples?

**ପଞ୍ଚୁପାଣ୍ଡବ ପୀଠର ଉନ୍ନତି**

**୧୬୭ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରସିଦ୍ଧ ଐତିହାସିକ ପଞ୍ଚୁପାଣ୍ଡବ ପୀଠ, ନୂଆଗାଁଠାରେ ବିଭାଗଦ୍ୱାରା ମଞ୍ଜୁରୀପ୍ରାପ୍ତ ଗୋଷ୍ଠିକେନ୍ଦ୍ରର ଟେଣ୍ଡର ପ୍ରକ୍ରିୟା ଆଜକୁ ପ୍ରାୟ ଦୁଇ ବର୍ଷଠାରୁ ସମାପନ ହୋଇ

କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ଆବଶ୍ୟକୀୟ ଅର୍ଥ ଅଦ୍ୟାବଧି release ନହେବା ହେତୁ ଉକ୍ତ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇନଥିବା କଥା ଅବଗତ ଅଛନ୍ତି କି ; ଆବଶ୍ୟକୀୟ ପାଣ୍ଠିକୁ ସମ୍ପୃକ୍ତ ବିଭାଗକୁ ପ୍ରଦାନ ପୂର୍ବକ ପ୍ରକଳ୍ପ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଅଛି ଜଣାଇବେ କି?

## କାର୍ଯ୍ୟକ୍ଷମ ହୋଇଥିବା OAV

**୧୬୮ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଚଳିତ ବର୍ଷ କେତେଗୋଟି OAVକୁ କାର୍ଯ୍ୟକ୍ଷମ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ନାମଲେଖା ପ୍ରକ୍ରିୟା ଶେଷ କରାଯାଇଅଛି ଏବଂ ସେଥିରେ କେତେଜଣ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି କରାଯାଇଅଛି ତାହାର ବିଦ୍ୟାଳୟ ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ; ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ବ୍ଲକରେ ଥିବା OAV ରେ ଛାତ୍ରଛାତ୍ରୀମାନଙ୍କ ଷଷ୍ଠ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଚଳିତ ବର୍ଷ ସମାପ୍ତ ହୋଇଥିବା କଥା ସରକାର ଅବଗତ ଅଛନ୍ତି କି ; ଯଦି ଉତ୍ତର ହଁ ହୁଏ ତେବେ ଅଦ୍ୟାବଧି ବିଦ୍ୟାଳୟରେ ଶିକ୍ଷାଲାଭ ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଜାରି ନକରିବାର କାରଣ କଣ ଏବଂ ଉକ୍ତ OAV ବିଦ୍ୟାଳୟକୁ ଚଳିତ ଶିକ୍ଷାବର୍ଷଠାରୁ କାର୍ଯ୍ୟକାରୀ କରିବା ପାଇଁ ବିହିତ ପଦକ୍ଷେପ ନେବେ କି?

## ବନ୍ଦ ହୋଇଥିବା ବିଦ୍ୟାଳୟର ପୁନଃ ପ୍ରଚଳନ ପାଇଁ ପଦକ୍ଷେପ

**୧୬୯ . ଶ୍ରୀ ରମେଶ ଚନ୍ଦ୍ର ବେହେରା :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଚଳିତ ବର୍ଷ କେତେଗୋଟି କେଉଁ ପ୍ରକାରର ବିଦ୍ୟାଳୟକୁ କେଉଁ ମାନଦଣ୍ଡ ଆଧାରରେ ଅନ୍ୟ ବିଦ୍ୟାଳୟ ସହିତ ମିଶ୍ରଣ କରାଯାଇଅଛି ତାହାର ବ୍ଲକ ଏବଂ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ; ନିର୍ଦ୍ଧାରିତ ଛାତ୍ରଛାତ୍ରୀଙ୍କ ସଂଖ୍ୟାଠାରୁ କମ୍ ସଂଖ୍ୟକ ଛାତ୍ରଛାତ୍ରୀଥିବା କିମ୍ବା ନିର୍ଦ୍ଧାରିତ ଦୂରତା ଠାରୁ କମ୍ ଦୂରତାରେ ଥିବା ବିଦ୍ୟାଳୟଗୁଡିକୁ କେଉଁ ମାନଦଣ୍ଡ ଆଧାରରେ ମିଶ୍ରଣ ବା ବନ୍ଦ କରାଯାଇ ପାରିବନାହିଁ ଜଣାଇବେ କି ; ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ବ୍ଲକର ଚକ୍ରଧରପୁର, ନେଫାରି, କଳାକିଆରି, ବଣି, ଖଲିଘାଟ ଇତ୍ୟାଦି ସ୍ଥାନରେ ଥିବା ପ୍ରାଥମିକ ବିଦ୍ୟାଳୟ, ନୂଆଗାଁ ବ୍ଲକର କନ୍ଧ ଖାଲମଡା ବିଦ୍ୟାଳୟ ଏବଂ ଗଣିଆ ବ୍ଲକର କୁତୁରି ଓ ଦାମଘାଟିଠାରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡିକୁ ବନ୍ଦ ନକରିବା ପାଇଁ ଉଦ୍ଦିଷ୍ଟ ମାନଦଣ୍ଡ ଅନୁଯାୟୀ ପୁନଃ ବିଚାର କରି ବନ୍ଦ ନକରିବା ପାଇଁ ନିଷ୍ପତ୍ତି ନେବେ କି?

## Up-gradation of Badasilonga Ashram School

**170 . Shri Ramesh Chandra Behera :** Will the Minister for ST & SC Development, Minorities & Backward Classes Welfare be pleased to state that - Whether the Government have received any feasibility report from the District Administration, Nayagarh on up-gradation of Badasilonga Ashram School (SSD) to High School under Gania Block of Daspalla Assembly Constituency in response to the Department Letter No.5680/SSD Dt.13,.03.2020; If so, what steps have been taken for up-gradation of said Ashram School to the High School for greater interest of the SC/ST students of Gania Block?

**ବିଦ୍ୟାଳୟରେ ଖାଲିଥିବା ପଦବୀ ପୂରଣ**

**୧୭୧ . ଶ୍ରୀ ମୌଷଧି ବାଗ୍ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ, ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପ୍ରଧାନଶିକ୍ଷକ, କେଉଁ ବର୍ଗର ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ପଛୁଆବର୍ଗ ମାନଙ୍କୁ ଆବାସିକ ଶିକ୍ଷା ପ୍ରଦାନ**

**୧୭୨ . ଶ୍ରୀ ମୌଷଧି ବାଗ୍ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାରେ ପଛୁଆବର୍ଗ ମାନଙ୍କୁ ଆବାସିକ ଶିକ୍ଷା ପ୍ରଦାନ ପାଇଁ ସ୍ୱତନ୍ତ୍ର ପଛୁଆବର୍ଗ ଆବାସିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

**ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା**

**୧୭୩ . ଶ୍ରୀ ମୌଷଧି ବାଗ୍ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାରେ କେଉଁ ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରାଯାଇଛି, କେଉଁ ଗୁଡିକୁ ଚିହ୍ନଟ ଓ ସର୍ବେକ୍ଷଣ କରାଯାଇଛି ଏହି ପର୍ଯ୍ୟଟନ ସ୍ଥଳୀ ଗୁଡିକର ପର୍ଯ୍ୟଟନ ଭିତ୍ତିଭୂମୀ ଉନ୍ନୟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

**ଟସର ଚାଷର ବିକାଶ**

**୧୭୪ . ଶ୍ରୀ ମୌଷଧି ବାଗ୍ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡି ଜିଲ୍ଲାରେ ଟସର ଚାଷର ବିକାଶ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

## ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**୧୭୫ . ଶ୍ରୀ ମୌଷଧି ବାଗ୍ :** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଳାହାଣ୍ଡିର ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ରେଣ୍ଡୋ ମାଝୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ଦଣ୍ଡ ନାଚ ସୁରକ୍ଷା

**୧୭୬ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅନୁଗୋଳ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡନୃତ୍ୟର ସୁରକ୍ଷା ବିକାଶ ଓ ଗବେଷଣା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

## ଖାଲିଥିବା ପଦବୀ ପୂରଣ

**୧୭୭ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅନୁଗୋଳ ଜିଲ୍ଲାରେ ଥିବା ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ପ୍ରଧାନ ଶିକ୍ଷକ , ଶିକ୍ଷକ ଓ କର୍ମଚାରୀ ପଦବୀରୁ କେଉଁ ବର୍ଗରେ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

## ଆବାସିକ ବିଦ୍ୟାଳୟରେ ଖାଲି ପଦବୀ ପୂରଣ

**୧୭୮ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅନୁଗୋଳ ଜିଲ୍ଲାର କେଉଁ କଲ୍ୟାଣ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟରେ ମୋଟ କେତେ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଏଠାରେ ଥିବା ପ୍ରଧାନ ଶିକ୍ଷକ, ବିଭିନ୍ନ ବର୍ଗର ଶିକ୍ଷକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ପର୍ଯ୍ୟଟନ ଭିତ୍ତଭୂମୀର ବିକାଶ

**୧୭୯ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ସହ ଅନୁଗୋଳ ବ୍ଲକର କେଉଁ ପର୍ଯ୍ୟଟନ ଭିତ୍ତିଭୂମୀ ଉନ୍ନୟନ ପାଇଁ ବିଧାୟକଙ୍କ ପ୍ରସ୍ତାବ ସରକାରଙ୍କ ଦୃଷ୍ଟିକୁ ଆସିଛି ଓ ଏ ସଂକ୍ରାନ୍ତରେ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

## ତନ୍ତୁବାୟ ସହଯୋଗ ସମିତିକୁ ସହାୟତା

**୧୮୦ . ଶ୍ରୀ ରମେଶ ଚନ୍ଦ୍ର ସାଏ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅନୁଗୋଳ ଜିଲ୍ଲାର କେଉଁ ବ୍ଲକରେ କେତେ ବୁଣାକାର ଥିବାବେଳେ ତନ୍ମଧ୍ୟରୁ କେତେ ଜଣ କେଉଁ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିର ସଭ୍ୟଭୁକ୍ତ ହୋଇ ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି ଓ ଏହି ସହଯୋଗ ସମିତିକୁ ବିଗତ 3 ବର୍ଷରେ କେତେ ସହାୟତା ଯୋଗାଇ ଦିଆଯାଇଛି ?

## ପ୍ରାଇମେରୀ ସ୍କୁଲ ଖୋଲିବାର ନିତୀ ନିୟମ

**୧୮୧ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ମୋଟ କେତେ ଗୋଟି ପ୍ରାଇମେରୀ ସ୍କୁଲ ଅଛି ଓ ଏହି ପ୍ରାଇମେରୀ ସ୍କୁଲ ମାନଙ୍କରେ ରାଜ୍ୟ ସରକାର କେତେଗୋଟି ପ୍ରାଇମେରୀ ସ୍କୁଲକୁ ବନ୍ଦ କରିବାର ନିଷ୍ପତ୍ତି ନେଉଛନ୍ତି ଏହାର ଜିଲ୍ଲା ସହ ବ୍ଲକୱାରୀ ସ୍କୁଲର ନାଁଗାଁ ଠିକଣା ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ସିଡୁଲ ଜିଲ୍ଲା ଏବଂ କେବିକେ ଜିଲ୍ଲା ମାନଙ୍କ ପାଇଁ ସରକାର ଏହି ନିୟମକୁ କୋହଳ କରିବେ କି, ଏବଂ ସରକାରଙ୍କ ପ୍ରାଇମେରୀ ସ୍କୁଲ ଖୋଲିବାର ନିତି ନିୟମ କଣ ?

## ଟିଚିଙ୍ଗ, ନନ୍ ଟିଚିଙ୍ଗ ପଦବୀ ପୂରଣ

**୧୮୨ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ମୋଟ କେତେଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଛି ଏବଂ ଏହି ବିଦ୍ୟାଳୟ ମାନଙ୍କରେ ମୋଟ କେତେଜଣ ଟିଚିଙ୍ଗ ଆଉ ନନ୍ ଟିଚିଙ୍ଗ ଷ୍ଟାଫ୍ ଅଛନ୍ତି ଏବଂ କେତେ ପଦବୀ ଖାଲି ଅଛି ଏହାର ବିଦ୍ୟାଳୟର ନାଁ ସହ ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) କେଉଁ ସମୟସୀମା ଭିତରେ ଏହି ସମସ୍ତ ଟିଚିଙ୍ଗ୍, ନନ୍ ଟିଚିଙ୍ଗ ପଦବୀକୁ ସରକାର ପୂରଣ କରିବେ ?

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଦାୟ ହେଉଥିବା ବିଭିନ୍ନ ଫିସ୍

**୧୮୩ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟ ସରକାରଙ୍କ ଅଧିନରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସରକାର ମୋଟ କେତେ ଟଙ୍କା ଟିଉସନ୍ ଫିସ୍, ଏକଜାମିନେସନ ଫିସ, ସ୍ପୋଟ ଫିସ୍ ଏବଂ ଅନ୍ୟାନ୍ୟ ଫିସର ବାର୍ଷିକ କେତେ ରଖିଛନ୍ତି ତାହାର ଗୋଟିଏ ତାଲକା ପ୍ରଦାନ କରିବେ କି, (ଖ) ଅଧିକାଂଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟମାନେ 5000 ରୁ 10000 ଟଙ୍କା ଫିସ୍ ଆକାରରେ ବା ବିଦ୍ୟାଳୟ ଡେଭଲପ୍ମେଣ୍ଟ ନାମରେ ଜବରଦସ୍ତ ନେଉଥିବା ସରକାର ଯାଣୁଛନ୍ତି କି , ଏବଂ ସରକାର ଏହି ସମସ୍ତ କଲେଜଙ୍କ କର୍ତ୍ତୃପକ୍ଷମାନଙ୍କ ବିରୁଦ୍ଧରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ କି ?

## ନକଲି ST & SC ଚିହ୍ନଟ

**୧୮୪ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପରାଖୋଇ ବ୍ଲକ ତୁରେଇକେଲା ବ୍ଲକ , ବଙ୍ଗୋମୁଣ୍ଡା ବ୍ଲକ୍ ଏବଂ କଣ୍ଟାବାଂଞ୍ଜି ଏନ.ଏ.ସି. ରେ କେତେ ଜଣ ଲୋକମାନଙ୍କ ନାଁରେ ନକଲି ST & SC Certificate (ଜାତୀୟ ପ୍ରମାଣ ପତ୍ର) ଦେଇ ପାଠ ପଢିବା, ଚାକିରୀ କରିବା ଅଭିଯୋଗ ହୋଇଛି ଏବଂ ସରକାର କେତେ ଜଣଙ୍କୁ ଚିହ୍ନଟ କରିଛନ୍ତି ଏବଂ ତାଙ୍କ ବିରୁଦ୍ଧରେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ତାଙ୍କର ନାମ, ଠିକଣା ସହ ଗୋଟିଏ ତାଲିକା ପ୍ରଦାନ କରିବେ କି, ଏବଂ କେଉଁ ସ୍ମୟସୀମା ଭିତରେ ବାକି ରହିଥିବା ନକଲି ST & SC ମାନଙ୍କ ବିରୁଦ୍ଧରେ ଚିହ୍ନଟ କରି ସରକାର ପଦକ୍ଷେପ ଗ୍ରହଣ କରିବେ ?

## Tourism ର ବିକାଶ ପାଇଁ ସ୍ଥାନ ଚିହ୍ନଟ

**୧୮୫ . ଶ୍ରୀ ସନ୍ତୋଷ ସିଂହ ସାଲୁଜା :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟ ସରକାର Tourism ର ବିକାଶ ପାଇଁ କେତେଗୋଟି ସ୍ଥାନକୁ ଚିହ୍ନଟ କରିଛନ୍ତିଏହି ଚିହ୍ନଟ ହୋଇଥିବା ସ୍ଥାନର ଗୋଟିଏ ତାଲିକା ପ୍ରଦାନ କରିବେକି, ଏବଂ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ହରିଶଙ୍କର, ରାନିପୁରଝରିଆଲ(ଚଉଶଠିଯୋଗିନି ପୀଠ) ବିକାଶ ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ଏବଂ ରାଜ୍ୟ ସରକାରଙ୍କ Tourism policy କଣ ?

## ସେବାଶ୍ରମକୁ ଆଶ୍ରମରେ ଉନ୍ନତି

**୧୮୬ . ଶ୍ରୀ ଭୂପିନ୍ଦର ସିଂହ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ଏ ବର୍ଷ ବିଭାଗ କେଉଁ କେଉଁ ସ୍ଥାନରେ ନୂତନ ସେବାଶ୍ରମକୁ ଆଶ୍ରମରେ ଉନ୍ନତି କରିବା ପାଇଁ ସ୍ଥିର କରିଛନ୍ତି ତାର ବ୍ଲକୱାରୀ ସ୍ଥାନର ନାମ ସହିତ ଜଣାଇବେକି, (ଖ) କଳାହାଣ୍ଡି ଜିଲ୍ଲାର ସର୍ବପୁରାତନ ମଦନପୁର ଓ ପାଷ୍ଟିକୁଡି ଆଶ୍ରମ ସ୍କୁଲକୁ +2 (Higher Secondary) ସ୍କୁଲ ଏ ବର୍ଷ କରିବେକି, ଯଦି ହଁ କେବେସୁଦ୍ଧା, ଯଦି ନାଁ ତାର କାରଣ କଣ?

## ନୂତନ T&RW ସ୍କୁଲ ଖୋଲିବା ପାଇଁ ପଦକ୍ଷେପ

**୧୮୭ . ଶ୍ରୀ ଭୂପିନ୍ଦର ସିଂହ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ମ: ରାମପୁର ବ୍ଲକର

ମାଣିକେରା, ବାରବନ୍ଦା, ଡୁଡୁକାରଞ୍ଜା, ଗୁଛାଡେଙ୍ଗେନ, ମୁଡିଙ୍ଗ,ଡମ୍ବକର୍ଲା, ଖୁଣ୍ଟା ଗ୍ରାମ ପଂଚାୟତରେ 90% ଆଦିବାସୀ ଲୋକ ରହନ୍ତି, ଏ ସମସ୍ତ ସ୍ଥାନରେ ନୂତନ T&RW ସ୍କୁଲ 2020-2021 ଆର୍ଥିକ ବର୍ଷରେ ଖୋଲିବେ କି, ଯଦି ନା କାରଣ କଣ, ନର୍ଲା ବ୍ଲକର ଗାଡେବନ୍ଧ, ଭଲିକୁପା, ଟକର୍ଲା, କୁମେଲ ଓ ବଡଧାରପୁରରେ ମଧ୍ୟ T&RW ସ୍କୁଲ ଖୋଲିବାର ବ୍ୟବସ୍ଥା କରିବେକି?

**+2 2nd year ରେ online ମାଧ୍ୟମରେ ପାଠ ପଢା**

**୧୮୮ . ଶ୍ରୀ ଭୂପିନ୍ଦର ସିଂହ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) +2 ପାଠ୍ୟକ୍ରମରେ ସିଲାବସରେ CBSC ପଦ୍ଧତିରେ ବା ICSC ପଦ୍ଧତିରେ ପାଠ୍ୟକ୍ରମ ଦିଆଯାଉଅଛି ଜଣାଇବେକି, (ଖ) ସିଲାବସକୁ କିଛି ନୂତନ ବିଷୟ ଖୋଲିବା ପାଇଁ କିଛି ପ୍ରସ୍ତାବ ଆସିଅଛିକି, +2 2nd year ର ପାଠ୍ୟକ୍ରମ କେତେ percentage course ଏବର୍ଷ onlineରେ ପଢାଯାଇଛି ତାହାକୁ ନଜରରେ ରଖି ପରୀକ୍ଷା କରିବେକି?

**Secondary School ରେ +2 Admission ପାଇଁ ଅନୁମତି**

**୧୮୯ . ଶ୍ରୀ ଭୂପିନ୍ଦର ସିଂହ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2015, 2016 ରେ +2ରେ ସରକାର 15% percentage ରୁ 20% ସିଟ୍ +2 Secondary School ରେ ପୁଅ ଝିଅମାନଙ୍କୁ Admission ଦେବା ପାଇଁ ଅନୁମତି ଦେଇଥିଲେ, ଏ ବର୍ଷ ରଷିଡା +2 Secondary School ଏବଂ ମୋହନଗିରି +2 Secondary Schoolରେ ମଧ୍ୟ ପିଲାମାନଙ୍କୁ Admission ଦେବା ପାଇଁ ଅନୁମତି ମାଗିଥିବାରୁ ସରକାର ଏ ବିଷୟରେ ବିଚାର କରିବେକି?

**ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ଅର୍ଥ ବ୍ୟୟ**

**୧୯୦ . ଶ୍ରୀ ଭୂପିନ୍ଦର ସିଂହ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) କଳାହାଣ୍ଡି ଜିଲ୍ଲାର ମ: ରାମପୁର ବ୍ଲକର ମୁଖିପୁଟ water fall, ମୋହନଗିରି ଶିବ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବାକୁ ବ୍ୟବସ୍ଥା କରିବେକି, (ଖ) ଅସୁରଗଡ, ବେଲଖଣ୍ଡି, ଅମଠଗଡ ଓ କୁସୁର୍ଲା ପାଇଁ ଆଉ ବିଳମ୍ବ ନକରି ଚଳିତ ଆର୍ଥିକ ବର୍ଷରେ ପର୍ଯ୍ୟଟନସ୍ଥଳୀର ଉନ୍ନତି କରିବା ପାଇଁ ଅର୍ଥ ବ୍ୟବସ୍ଥା କରିବେକି?

**Closed the Primary/Upper Primary Schools in Bolangir district**

**191 . Shri Narasingha Mishra :** Will the Minister for School and Mass Education be pleased to state that - Is it a fact that large numbers of Primary/Upper Primary Schools have been closed in the district of Bolangir district on the ground that sufficient numbers of students had not taken admission, this will lead to drop out a large of poor students, in view

of this fact students and became of backwardness of area will the Government reconsider and open the schools?

**Established +2 college at Ramchandrapur of Bolangir districts**

**192 . Shri Narasingha Mishra :** Will the Minister for ST & SC Development, Minorities & Backward Classes Welfare be pleased to state that - Though S.T. and S.C. Development department has established +2 college at Ramchandrapur, Deogoan block in the district of Bolangir, why no teacher has been appointed since two years, will the government appoint teachers immediately, admit students and run the college this year, if not, why and when the college will allow students to take admission?

**Lying vacant of Primary and Upper Primary teacher**

**193 . Shri Narasingha Mishra :** Will the Minister for School and Mass Education be pleased to state that - How many posts of teachers are lying vacant in Primary, Upper Primary and Secondary schools within the Bolangir Municipal area, Bolangir block and Deogaon block, by what time the vacanies are going to the filled up?

**Funds for development of Bhimpahad**

**194 . Shri Narasingha Mishra :** Will the Minister for Tourism be pleased to state that - Will the Govt. provide funds for development of Bhimpahad tourism centre, the original estimate for its development was Rs. 7.00 Crores besides more than Rs. 3 crore for development of the road connecting Bhimpahad, when the balance amount of Rs 5.00 Crores and odd will be provided to complete the project and for major repair of the road, if not, what is the reason?

**Construction of High School**

**195 . Shri Narasingha Mishra :** Will the Minister for School and Mass Education be pleased to state that - Will the provide financial assistance to develop century old P.R. High School and the stadium under construction of that High School, if the answer is no, what is the reason?

**ନୂତନ ପର୍ଯ୍ୟଟନସ୍ଥଳୀ ମାନ୍ୟତା**

**୧୯୬ . ଶ୍ରୀ ନବ ଚରଣ ମାଝି :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ମୟୁରଭଂଜ ଜିଲ୍ଲାରେ ଶିମିଳିପାଳ ଜାତୀୟ ଉଦ୍ୟାନ ନାମରେ ପରିଚିତ, ପର୍ଯ୍ୟଟକମାନଙ୍କର ରହଣୀ ଓ ଯାତାୟତର ଉନ୍ନତି ଓ ସୁବିଧା ଯୋଗାଇବାରେ ସରକାର କଣ କଣ ବ୍ୟବସ୍ଥା କରିଛନ୍ତି, ରାଇରଙ୍ଗପୁର ବ୍ଲକର ବଡମୌଜା

ପଞ୍ଚାୟତରେ ଥିବା ଅସୁରଘାଟ ଜଳ ପ୍ରପାତ, ଖ୍ରିଚିଂ ଓ ସୁଲେଇ ପାଟ ଡ୍ୟାମକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବା ଯୋଜନା ଅଛିକି, ଯଦି ହଁ କେବେସୁଦ୍ଧା ଘୋଷଣା ହେବ କହିବେକି?

**ରାଇରଙ୍ଗପୁର ITDA କୁ ମିଳିଥିବା ଅର୍ଥ**

**୧୯୭ . ଶ୍ରୀ ନବ ଚରଣ ମାଝି :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) Mission Suvidra Scheme ରେ ରାଇରଙ୍ଗପୁର I.T.DA କୁ କେତେଟଙ୍କା ଦିଆଯାଇଛି ଏବଂ କେତେଖଣ୍ଡ ସ୍କୁଲ ଏବଂ Hostel କୁ ନିଆଯାଇଛି ଏବଂ Mission Survidra Estimate କେତେ ଲେଖାଏଁ ରଖାଯାଇଛି କେଉଁ କେଉଁ ସ୍କୁଲହଷ୍ଟେଲକୁ ଗ୍ରହଣ କରାଯାଇଛି ତାହାର ସବିଶେଷ ବିବରଣୀ ଦେବେ କି; (ଖ) DMFT ରେ ରାଇରଙ୍ଗପୁର ITDA. କୁ କେତେ ଟଙ୍କା ଆସିଥିଲା ଏବେ କେତେ ଟଙ୍କାର UC ଦିଆଯାଇଛି ବାକିଥିବା project ସରିବା ପାଇଁ କେବେସୁଦ୍ଧା Target ଦିଆଯାଇଛି ଏବଂ OMBADC ରେ କେତେଟଙ୍କା ରାଇରଙ୍ଗପୁର I.T.D.A. କୁ ଦିଆୟାଇଛି ଏବଂ କେତେ ଟଙ୍କାର UC ଦିଆୟାଇଛି ବାକି ସବୁ କେବେସୁଦ୍ଧା Target ଦିଆଯାଇଛି ଏହାର ସମ୍ପୂର୍ଣ୍ଣ ବିବରଣୀ ଦେବେ କି ?

**ମାଦ୍ରାସା ସ୍କୁଲରେ ଥିବା Teacher ଙ୍କ ସଂଖ୍ୟା**

**୧୯୮ . ଶ୍ରୀ ନବ ଚରଣ ମାଝି :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର 4 ଗୋଟି ବ୍ଲକ୍ ୟଥା - ରାଇରଙ୍ଗପୁର, ଜାମଦା, ବହଳଦା, ତିରିଂ ଓ ରାଇରଙ୍ଗପୁର Municipality ଗୋଟିଏ ଅଛି, ଏଥିରେ ମାଦ୍ରାସା ସ୍କୁଲ କେତେ ଗୋଟି ଅଛି, ଏବଂ କେଉଁ କେଉଁ ସ୍ଥାନରେ ଅଛି ଏବଂ ସେଥିରେ ସରକାରୀଭାବେ ନିୟୁକ୍ତ କେତେ ଜଣ Teacher ଅଛନ୍ତି, ଉକ୍ତ ନିର୍ବାଚନ ମଣ୍ଡଳୀରେ ଆହୁରି ସ୍କୁଲ ବଢିବାର ୟୋଜନା ଅଛି କି ?

**ଶିକ୍ଷାନୀତି ଅନୁୟାୟୀ ପଦନ୍ନତି ଦେବା**

**୧୯୯ . ଶ୍ରୀ ନବ ଚରଣ ମାଝି :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2019 ଶିକ୍ଷାନୀତି ଅନୁୟାଇ ପ୍ରତ୍ୟେକ ଜାନୁଆରୀ ମାସରେ ପଦନ୍ନତି ଦେବାର କଥା, କିନ୍ତୁ ବିଡମ୍ବନାର ବିଷୟ, ମୟୁରଭଞ୍ଜ ଜିଲ୍ଲାରେ 2019 ଶିକ୍ଷା ନୀତି ଅନୁୟାଇ ପଦନ୍ନତି ଦିଆଗଲା ନାହିଁ, ଏହାର କାରଣ କହିବେ କି, ଶିକ୍ଷକମାନଙ୍କର ପଦନ୍ନତି କେବେ ସୁଦ୍ଧା ହେବ ତାହାର ସବିଶେଷ ତଥ୍ୟ ଜଣାଇବେ କି ?

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ରାଜ୍ୟ ସ୍ତରୀୟ Competition**

**୨୦୦ . ଶ୍ରୀ ନବ ଚରଣ ମାଝି :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି -

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ରାଜ୍ୟ ସ୍ତରୀୟ Competition Programme ଯେପରି ସୁରଭି, ବିଜ୍ଞାନ ମେଳା, Red Cross ଇତ୍ୟାଦି ଅନୁଷ୍ଠିତ ହେଉଛି, ଯେଉଁ ଜିଲ୍ଲାରେ ଅଳ୍ପ ସ୍କୁଲ ତଥା 1,500 ରୁ 2,500 ମଧ୍ୟରେ Teacher ଅଛନ୍ତି ସେମାନଙ୍କୁ ଯେତିକି Events ର ସୁଯୋଗ ଦିଆଯାଉଛି, ଅଥଚ ଯେଉଂ ଜିଲ୍ଲାରେ 13, 000 ଶିକ୍ଷକ ତଥା ଗୁଡାଏ ସ୍କୁଲଥିବା ଜିଲ୍ଲାମାନଙ୍କୁ ମଧ୍ୟ ଅନୁରୂପ Events ର ସୁଯୋଗ ଦିଆଯାଉଛି ଯାହା ଆକାଶ, ପାତାଳର ପ୍ରଭେଦ ହେଉଛି। ଏହାକୁ Ratio ହିସାବରେ ସୁଯୋଗ ଦେବାର ବ୍ୟବସ୍ଥା କରିବେ କି ?

## ଘରୋଇ ସଂସ୍ଥାଦ୍ୱାରା ପରିଚାଳିତ ବିଦ୍ୟାଳୟ

**୨୦୧ . ଶ୍ରୀ ଶଙ୍କର ଓରାମ୍ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର କେତେ ସଂଖ୍ୟାର ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି ସେଥିରୁ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା କେଉଁ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସର ବ୍ୟବସ୍ଥା ରହିଛି ଓ ପ୍ରତ୍ୟେକ ଛାତ୍ରାବାସରେ କେତେ ଜଣ ଛାତ୍ର/ ଛାତ୍ରୀ ରହୁଛନ୍ତି ଓ ଏହି ସବୁ ଛାତ୍ରାବାସଗୁଡିକୁ ପଞ୍ଜିକୃତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ସଂଖ୍ୟା-1817 ର ତା.28.8.2019 ରିଖରେ ପଞ୍ଜିକୃତ କରିବାକୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ତଦନୁଯାୟୀ କେଉଁ ଜିଲ୍ଲା ଶିକ୍ଷାଧିକାରୀ କେଉଁସବୁ ବିଦ୍ୟାଳୟର ଛାତ୍ରାବାସକୁ ପଞ୍ଜିକୃତ କରିଛନ୍ତି ଓ କେଉଁ କାରଣରୁ ଏଯାବତ୍ ପଞ୍ଜିକୃତ କରାଯାଇନାହିଁ, ଜଣାଇବେ କି ?

## B.Ed ଓ M.Ed ମହାବିଦ୍ୟାଳୟରେ ଅନିୟମିତତା

**୨୦୨ . ଶ୍ରୀ ଶଙ୍କର ଓରାମ୍ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ପରିଚାଳିତ ହେଉଥିବା କେଉଁ B.Ed ଓ M.Ed ମହାବିଦ୍ୟାଳୟର ଯେଉଁସବୁ କର୍ମଚାରୀମାନଙ୍କ ନାମରେ ଆର୍ଥିକ ଅନିୟମିତତା ସମ୍ପର୍କରେ Audit Report ରେ ଅଭିଯୋଗ ହୋଇଥିଲା, ସେହି ଅଭିଯୋଗ ଗୁଡିକ ବନ୍ଦ ହୋଇଯାଇଥିଲାବେଳେ ବା ତୁଟାଇ ଦିଆଯାଇଥିଲେ ମଧ୍ୟ ଏଯାବତ୍ ସମ୍ପୃକ୍ତ କର୍ମଚାରୀଙ୍କୁ କେଉଁ କାରଣ ପାଇଁ ପଞ୍ଚମ ବେତନ କମିଶନ ହାରରେ ଦରମା ଦିଆଯାଇଛି ଓ ଅନ୍ୟ କର୍ମଚାରୀଙ୍କ ଭଳି ସମ୍ପୂର୍ଣ୍ଣ ଦରମା କେବେ ସୁଦ୍ଧା ଦିଆଯିବ, ଜଣାଇବେ କି ?

## ସତ୍ୟଭାମାଦେବୀ ମୂକ, ବଧିର ସ୍କୁଲରେ ସ୍ଥାନ ସଂଖ୍ୟା ବୃଦ୍ଧି

**୨୦୩ . ଶ୍ରୀ ଶଙ୍କର ଓରାମ୍ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭୁବନେଶ୍ୱର ସତ୍ୟଭାମାଦେବୀ ମୂକ ବଧିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଞ୍ଜୁରପ୍ରାପ୍ତ ସ୍ଥାନ ସଂଖ୍ୟା ମାତ୍ର 96 ରେ

ସିମିତ ଥିବାରୁ ଓ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମାଗଣାରେ ପଢ଼ିବା , ରହିବା, ଖାଇବା ଓ ଅନ୍ୟାନ୍ୟ ସମସ୍ତସୁବିଧା ଯୋଗାଇ ଦେଇଥିବାରୁ ଦାରିଦ୍ର୍ୟ ସୀମାରେଖା ତଳେଥିବା ଅନେକ ମୂକବଧିର ଛାତ୍ରଛାତ୍ରୀ ଏଥିପାଇଁ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରି ହାରାହାରି 130 ଜଣ ଏହି ବର୍ଗର ଛାତ୍ର ଛାତ୍ରୀ ନାମ ଲେଖାଇବାକୁ ଆବେଦନ କରିଥିବାବେଳେ ଏହି ଗରିବ ମୂକ ବଧିର ଛାତ୍ର/ ଛାତ୍ରୀମାନେ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ଓ ଆଇନ ଓ ଶିକ୍ଷା ଅଧିକାର ଆଇନକୁ ସମ୍ମାନ ଜଣାଇ ଏହି 130 ଜଣ ଗରିବ ଛାତ୍ରା/ଛାତ୍ରୀମାନେ ଯେପରି ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢ଼ିବେ, ସେଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ବିଚାର କରିବେ କି ?

## ଧନ୍ଦାମୂଳକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ନାମ ଲେଖାଇବା

**୨୦୪ . ଶ୍ରୀ ଶଙ୍କର ଓରାମ୍ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଥିବା କସ୍ତୁରବା ବାଳିକା ବିଦ୍ୟାଳୟରୁ ପୁରୁଷ ଶିକ୍ଷକମାନଙ୍କୁ ବାହାର କରି ଦେଇଥିବା ବିଷୟ ସତ୍ୟ ଅଟେ କି , ଯଦି ସତ୍ୟ ଅଟେ ତେବେ ବାହାର କରିଦିଆଯାଇଥିବା ଶିକ୍ଷକମାନଙ୍କୁ କେଉଁଠାରେ ନିଯୁକ୍ତି ଦିଆଯାଇଛି,ଜଣାଇବେ କି; ଏବଂ ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାପାଇଁ ଛାତ୍ର ଛାତ୍ରୀ ଆଗ୍ରହ ପ୍ରକାଶ କରୁନଥିବା କଥା ସତ୍ୟ ଅଟେ କି ; ଯଦି ସତ୍ୟ ଅଟେ ତାହାର କାରଣ କଣ ଓ ରାଜ୍ୟର କେଉଁ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନରେ କେତୋଟି ଲେଖାଏଁ ମଞ୍ଜୁରୀପ୍ରାପ୍ତ ଶିକ୍ଷାନୁଷ୍ଠାନ ରହିଛି, ସେଥିରୁ ଚଳିତ ଶିକ୍ଷାବର୍ଷରେ କେତେ ସଂଖ୍ୟାର ଛାତ୍ରଛାତ୍ରୀ ନାମ ଲେଖାଉଛନ୍ତି ଓ କେତୋଟି ଲେଖାଏଁ ସ୍ଥାନ ଖାଲି ପଡ଼ିଛି , ଜଣାଇବେ କି ?

## ଓଡ଼ିଶା ପୋଷାକ ନୀତି 2016 ପ୍ରଣୟନ

**୨୦୫ . ଶ୍ରୀ ଶଙ୍କର ଓରାମ୍ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟ ସରକାରଙ୍କ ଦ୍ଵାରା ଓଡ଼ିଶା ପୋଷାକ ନୀତି, 2016 ପ୍ରଣୟନ ହେବା ଦିନଠାରୁ ତାହା ଏଯାବତ କିପରିଭାବେ କାର୍ଯ୍ୟକାରୀ ହୋଇଛି ଓ ଏହାଦ୍ଵାରା କେତେଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକ ନିୟୋଜିତ ହୋଇଛନ୍ତି ଏବଂ ଏଥିପାଇଁ କେଉଁ ଉଦ୍ୟୋଗପତିମାନେ କେବେ କେବେ କେଉଁପ୍ରକାର ପ୍ରସ୍ତାବମାନ ଦେଇଛନ୍ତି ଏବଂ ଏହି ନୀତି ଅନୁଯାୟୀ ପୋଷାକଶିଳ୍ପ ଓ Apparel Park ପ୍ରତିଷ୍ଠା କରିବାପାଇଁ କେଉଁମାନଙ୍କୁ କେତେଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ଦିଆଯାଇଛି ଓ କରୋନା ସମୟରେ ଅନ୍ୟ ରାଜ୍ୟରୁ ଫେରିଥିବା ଶ୍ରମିକମାନଙ୍କ ମଧ୍ୟରୁ କେତେଜଣ ଏହି ନୀତି ଫଳରେ ନିୟୋଜିତ ହୋଇଛନ୍ତି, ଜଣାଇବେ କି ?

## ଶିକ୍ଷାନୁଷ୍ଠାନକୁ ଅନୁଦାନ ପ୍ରଦାନ

**୨୦୬ . ଶ୍ରୀ ସୌଭିକ୍ ବିଶ୍ୱାଳ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କଟକ ଜିଲ୍ଲାର କେଉଁ ଉଚ୍ଚବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ଆବେଦନ କରି ଅନୁଦାନ ପ୍ରତୀକ୍ଷାରେ ଅଛନ୍ତି ପ୍ରକାଶକରି ସେହି ଶିକ୍ଷାନୁଷ୍ଠାନକୁ ଅନୁଦାନ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ପଛୁଆବର୍ଗ ଅର୍ଥ ସମବାୟ ଦ୍ୱାରା ଆତ୍ମନିଯୁକ୍ତି

**୨୦୭ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବିଗତ ୨ ବର୍ଷରେ ଓଡ଼ିଶା ରାଜ୍ୟ ପଛୁଆବର୍ଗ ଅର୍ଥ ସମବାୟ ନିଗମ ତରଫରୁ କେତେଜଣଙ୍କୁ ଆତ୍ମନିଯୁକ୍ତି ନିମନ୍ତେ କେତେଋଣ ପ୍ରଦାନ କରାଯାଇଛି ତାହାର ଜିଲ୍ଲାୱାରୀ ତାଲିକା ଦର୍ଶାଇ ଅଧିକ ହିତାଧିକାରୀଙ୍କୁ ଏଥିରେ ସାମିଲପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି ?

## ନୌ ପର୍ଯ୍ୟଟନର ଭିତ୍ତିଭୂମୀର ଉନ୍ନୟନ

**୨୦୮ . ଶ୍ରୀ ସୌଭିକ୍ ବିଶ୍ୱାଳ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ନୌ ପର୍ଯ୍ୟଟନର ଭିତ୍ତିଭୂମୀର ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବଥିଲେ ସେ ଦିଗରେ କି ସ୍ୱତନ୍ତ୍ରପଦକ୍ଷେପ ଗ୍ରହଣ କରାଯାଉଛି ?

## ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା

**୨୦୯ . ଶ୍ରୀ ସୌଭିକ୍ ବିଶ୍ୱାଳ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଟିଏମ୍ ସ୍ଥାନରେ ଟେକ୍ସଟାଇଲର ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ନୂତନ ପାଠାଗାର ପ୍ରତିଷ୍ଠା

**୨୧୦ . ଶ୍ରୀ ସୌଭିକ୍ ବିଶ୍ୱାଳ :** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏକ ଉନ୍ନତ ମାନର ଗବେଷଣାତ୍ମକ ଜିଲ୍ଲା ସଂସ୍କୃତି ପାଠାଗାର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ସଂଖ୍ୟାଲଘୁମାନଙ୍କ କଲ୍ୟାଣ ପାଇଁ ପଦକ୍ଷେପ

**୨୧୧ . ଶ୍ରୀ ମୁକେଶ ମହାଲିଙ୍ଗ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟର

ସଂଖ୍ୟାଲଘୁ ସମ୍ପ୍ରଦାୟର ଜିଲ୍ଲାୱାରୀ ଜନସଂଖ୍ୟା କେତେ, କାହାକୁ ଆଧାର କରି ଓ କେଉଁ ସଂଜ୍ଞାଦ୍ୱାରା ସଂଖ୍ୟାଲଘୁ ସମ୍ପ୍ରଦାୟର ନାଗରିକକୁ ଚିହ୍ନଟ କରାଯାଉଛି ଓ ସଂଖ୍ୟାଲଘୁ ସମ୍ପ୍ରଦାୟର କଲ୍ୟାଣ ନିମନ୍ତେ ବିଗତ ପାଞ୍ଚ ବର୍ଷରେ କେଉଁ କେଉଁ ଯୋଜନା ପାଇଁ କେତେ ପାଣ୍ଠି ରାଜ୍ୟ ବଜେଟ୍ ଓ ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରାଯାଇଛି, ଜିଲ୍ଲାୱାରୀ ତଥ୍ୟ ଦେବେ କି, (ଖ) ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସହ OBC/SEBC ବର୍ଗର ନାଗରିକମାନଙ୍କୁ ଚିହ୍ନଟ କରିବା ପାଇଁ ଆଇନରେ certificate ଦେବା ପାଇଁ ବ୍ୟବସ୍ଥା ଥିବାବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଚିହ୍ନଟ କରିବା ପାଇଁ ଆଇନରେ certificate ଦେବାର ବ୍ୟବସ୍ଥା ଅଛି କି, ଯଦି ନାହିଁ ତେବେ ସରକାର ଆଇନରେ ବ୍ୟବସ୍ଥା କରି ସଂଖ୍ୟାଲଘୁ ସମ୍ପ୍ରଦାୟର ନାଗରିକଙ୍କ କଲ୍ୟାଣ ପାଇଁ ସୁସଂଗଠିତ ଭାବରେ ଯୋଜନା କରିବେ କି ?

## ପଶ୍ଚିମ ଓଡିଶାଠାରେ Textile Park ପ୍ରତିଷ୍ଠା

**୨୧୨ . ଶ୍ରୀ ମୁକେଶ ମହାଲିଙ୍ଗ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଓଡିଶା (ପୋଷାକ ନୀତି) 2016 ପ୍ରଚଳିତ ହେବାଦିନଠାରୁ ରାଜ୍ୟରେ କେତେଗୋଟି ପୋଷାକ ଶିଳ୍ପ ପ୍ରତିଷ୍ଠା ହୋଇପାରିଛି, ଏହି ପୋଷାକ ଶିଳ୍ପରେ କେତେ ଟଙ୍କାର ପୁଞ୍ଜି ବିନିଯୋଗ ହୋଇ ରାଜ୍ୟର କେତେଜଣ ଯୁବକ ଯୁବତୀ ନିଯୁକ୍ତି ପାଇଛନ୍ତି, ଏହି ପୋଷାକ ଶିଳ୍ପମାନଙ୍କରୁ ରାଜ୍ୟ ସରକାର କେତେ ପରିମାଣର କେଉଁ ପ୍ରକାର ରାଜସ୍ୱ ଆଦାୟ କରୁଛନ୍ତି ଓ ରାଜ୍ୟ ରାଜକୋଷରୁ କେତେ ପରିମାଣ ପାଣ୍ଠି ପୋଷାକ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଇଛି, ଶିଳ୍ପୱାରୀ ଓ ଜିଲ୍ଲାୱାରୀ ତଥ୍ୟ ଦେବେ କି, (ଖ) ଷୋଡଶ ବିଧାନସଭାର ଚତୁର୍ଥ ଅଧିବେଶନର ଅଣତାରକା ପ୍ରଶ୍ନ 533 ତା.04.10.2020 ରିଖକୁ ଏକ ପ୍ରସ୍ତାବ ଭାବରେ ଗ୍ରହଣ କରି ପଶ୍ଚିମ ଓଡିଶାର ବୟନ ଶିଳ୍ପ ଓ ହସ୍ତଶିଳ୍ପର ବିକ୍ରୟର ପ୍ରଚାର ପ୍ରସାର ନିମନ୍ତେ ପଶ୍ଚିମ ଓଡିଶାଠାରେ ପର୍ଯ୍ୟଟନ ଶିଳ୍ପସ୍ଥଳୀରେ କେନ୍ଦ୍ର ସରକାରଙ୍କ ଢାଞ୍ଚାରେ Textile Park ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି ?

## ସେବାଶ୍ରମରେ +2 ଓ +3 ଖୋଲିବାକୁ ଅନୁମତି

**୨୧୩ . ଶ୍ରୀ ମୁକେଶ ମହାଲିଙ୍ଗ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) 2014-15 ମସିହାରୁ ଆଜିପର୍ଯ୍ୟନ୍ତ ସରକାର ରାଜ୍ୟର କେଉଁ କେଉଁ ସେବାଶ୍ରମ ସ୍କୁଲକୁ +2 ଓ +3 ଖୋଲିବା ପାଇଁ ଅନୁମତି ଦେଇଛନ୍ତି, ଜିଲ୍ଲାୱାରୀ ତାଲିକା ଦେବେ କି, (ଖ) ଷୋଡଶ ବିଧାନସଭାର ଚତୁର୍ଥ

ଅଧିବେଶନର ଅଣତାରକା ପ୍ରଶ୍ନ ସଂଖ୍ୟା 434 ର ଉତ୍ତରରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଆଗଲପୁର ବ୍ଲକର ରାମପୁରଠାରେ ଅବସ୍ଥିତ ପୁରାତନ ସେବାଶ୍ରମକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ପଛୁଆ ବର୍ଗର ଗରିବ ଛାତ୍ରଛାତ୍ରୀଙ୍କ ପାଇଁ +2 ଖୋଲିବା ନିମନ୍ତେ ଜିଲ୍ଲାପାଳ ବଲାଙ୍ଗିରଙ୍କର Recommendation କ୍ରମେ ଓ ଜନସାଧାରଣଙ୍କ ଦାବୀ ସତ୍ତ୍ୱେ ସରକାର ତଦନ୍ତ ନ କରି +2 ଖୋଲିବା ପାଇଁ ବିଚାର କଲେନାହିଁ ତାର କାରଣ କଣ ଜନସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରିବେ କି ?

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ବକେୟା ପାଉଣା ପ୍ରଦାନ

**୨୧୪ . ଶ୍ରୀ ମୁକେଶ ମହାଲିଙ୍ଗ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଷୋଡଶ ବିଧାନସଭାର ଚତୁର୍ଥ ଅଧିବେସନର ଅଣତାରକା ପ୍ରଶ୍ନ ସଂଖ୍ୟା 206, ତା.30.09.2020 ରିଖ ମାନ୍ୟବର ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆଜିପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲାର ଅବସରପ୍ରାପ୍ତ ପାଉଣା ଓ Final Pension ପାଇ ନ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତାଲିକା ଗୃହରେ ପ୍ରକାଶ କରାଯାଇପାରିଲାନାହିଁ ଓ ସରକାରଙ୍କ ପାଖରେ ତଥ୍ୟ ନ ଥିବାରୁ ଉପରୋକ୍ତ ତଥ୍ୟ ଯୋଗାଇବା ପାଇଁ ସରକାର ଗୃହକୁ ନିର୍ଭର ପ୍ରତିଶ୍ରୁତି ଦେଇପାରୁନାହାଁନ୍ତି, ତେଣୁ 'ମୋ ସରକାର' ଙ୍କର 5T ର ବିରୁଦ୍ଧାଚରଣ କରୁନାହିଁକି, କେବେସୁଦ୍ଧା ତଥ୍ୟ ଦେଇ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପେନସନର ବର୍ତ୍ତମାନ Status Report ଗୃହରେ ଉପସ୍ଥାପନ କରିବେ କି, (ଖ) ଉପର ବର୍ଣ୍ଣିତ ଅଣତାରକା ପ୍ରଶ୍ନର ଉତ୍ତର ଅନୁଯାୟୀ ଆଜି ତାରିଖସୁଦ୍ଧା ବଲାଙ୍ଗିର ସରକାରୀ ବାଳିକା ବିଦ୍ୟାଳୟର ଚଉଦ ବର୍ଷ ପୂର୍ବେ ତା.31.10.2006 ରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ Service Regularisation ଓ ବକେୟା ପାଉଣା ସହ Final Pension କୁ December 2020 ସୁଦ୍ଧା ଦେବା ପାଇଁ ପଦକ୍ଷେପ ନେବେ କି ?

## ଖାଲିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ

**୨୧୫ . ଶ୍ରୀ ମୋହନ ଚରଣ ମାଝୀ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ କେତେଗୋଟି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ କେଉଁ କେଉଁଠାରେ କେବେ ପ୍ରତିଷ୍ଠା କରାଯାଇଥିଲା, କେଉଁ କେଉଁ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନ ବିଇଡି କଲେଜ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ ମାଧ୍ୟମିକ ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କରେ କେତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି, ସମ୍ପୃକ୍ତ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାମାନଙ୍କରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା, ଅସ୍ଥାୟୀ ପଦବୀ ସଂଖ୍ୟା ଓ କେବେଠାରୁ ଖାଲିଥିବା ପଦବୀ ସଂଖ୍ୟାର ଏକ ବିବର୍ଣୀ ପ୍ରଦାନ କରିବେ କି, (ଖ) ଖାଲିଥିବା ପଦବୀ

ମଧ୍ୟରୁ କେବେସୁଦ୍ଧା କେତେ ପଦବୀ ପୂରଣ କରାଯିବ ସେଥିପାଇଁ କି କି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ତାହା କେଉଁ ପର୍ଯ୍ୟାୟରେ ରହିଛି ପ୍ରକାଶ କରିବେ କି ?

**ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ହ୍ରାସ**

**୨୧୬ . ଶ୍ରୀ ମୋହନ ଚରଣ ମାଝୀ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ବିଭିନ୍ନ ପ୍ରକାରର ଘରୋଇ, ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଉଛି କି, ଏ ନେଇ 2014-15 ଶିକ୍ଷା ବର୍ଷରୁ 2019-20 ଶିକ୍ଷା ବର୍ଷ ପର୍ଯ୍ୟନ୍ତ ଉଭୟ ସରକାରୀ ବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟରେ ନାମ ଲେଖାଉଥିବା ପିଲାଙ୍କ ସଂଖ୍ୟା କେତେ ତାର ବର୍ଷୱାରୀ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ବିଶେଷ କରି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତିର ପିଲାଙ୍କ ସଂଖ୍ୟା ହ୍ରାସ ପାଉଥିବା ସତ୍ୟ କି, ଏହାର କାରଣ କଣ ଉଲ୍ଲେଖ କରିବେ କି, ସେହିପରି ସରକାରୀ ବିଦ୍ୟାଳୟରେ ଡ୍ରପ୍-ଆଉଟ୍ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଉଛି କି, ଏ ନେଇ 2014-15 ଶିକ୍ଷା ବର୍ଷରୁ 2019-20 ଶିକ୍ଷା ବର୍ଷ ପର୍ଯ୍ୟନ୍ତ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି ?

**ଓଡିଆ ଭାଷାରେ ତୃଟି ଶୂନ୍ୟ ଲେଖା ପାଇଁ ସଫ୍ଟୱେୟାର କରିବା**

**୨୧୭ . ଶ୍ରୀ ମୋହନ ଚରଣ ମାଝୀ :** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ଇଂରାଜୀ ଭାଷାରେ କମ୍ପ୍ୟୁଟରରେ ଟାଇପ୍ କଲାବେଳେ ଭୁଲ୍ ବନାନ ଲେଖିଦେଲେ ଯେପରି ଉକ୍ତ ଶବ୍ଦ ତଳେ ନାଲିଗାରଟିଏ ଆସିବା ସହିତ ଉକ୍ତ ଶବ୍ଦର ସଠିକ୍ ବନାନଟିଏ ଲେଖି ହୋଇଯାଏ, ଓଡିଆ ଭାଷାରେ ସେପରି ବ୍ୟବସ୍ଥା ଅଛି କି, ଯଦିନାହିଁ ତେବେ ଅନେକ ଲେଖାରେ ତ୍ରୁଟିପୂର୍ଣ୍ଣ ବନାନ ଦେଖିବାକୁ ମିଳୁଥିବା ପରିପ୍ରେକ୍ଷୀରେ ଏହି ତ୍ରୁଟି ସୁଧାର ଆଣିବା ନିମନ୍ତେ ଏକ ସଫ୍ଟୱେୟାରଟିଏ ନିର୍ମିତ କରିବା ପାଇଁ ସରକାର କେବେଠାରୁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ଏବଂ (ଖ) ଇଂରାଜୀ ଭାଷାରେ ଶୁଦ୍ଧ ବାକ୍ୟ ଲେଖିବା କ୍ଷେତ୍ରରେ ଗ୍ରାମାର ସଫ୍ଟେୱେୟାର ରହିଥିବା ବେଳେ ଓଡିଆ ଭାଷାରେ ତୃଟିଶୂନ୍ୟ ଲେଖା ଲେଖିବା ପାଇଁ କେବେସୁଦ୍ଧା ବ୍ୟାକରଣର ସେପରି ସଫ୍ଟୱେୟାରଟିଏ କରିବେ, ଏଥିନିମନ୍ତେ କି କି ପଦକ୍ଷେପ କେଉଁ ପର୍ଯ୍ୟାୟରେ ରହିଛି ତାହା ପ୍ରକାଶ କରିବେ କି ?

**ରାଜପ୍ରାସାଦକୁ ବୁଟିକ ହେରିଟେଜ୍ ହୋଟେଲ୍ ଭାବେ ବିକଶିତ**

**୨୧୮ . ଶ୍ରୀ ମୋହନ ଚରଣ ମାଝୀ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ

କେତେଗୋଟି ହେରିଟେଜ୍ ପ୍ରପର୍ଟି ତଥା ରାଜପ୍ରସାଦ କେଉଁ କେଉଁଠାରେ ରହିଛି, ସେଥିମଧ୍ୟରୁ କେଉଁ କେଉଁ ରାଜପ୍ରସାଦକୁ ବୁଟିକ୍ ହେରିଟେଜ୍ ହୋଟେଲ୍ ଏବଂ ହେରିଟେଜ୍ ହୋମ୍ ଷ୍ଟେ ଭାବେ ବିକଶିତ କରିବାକୁ କେବେ ପରିକଳ୍ପନା କରାଯାଇଥିଲା, 'ହେରିଟେଜ୍ ପ୍ୟାଲେସ୍ ଟୁରିଜିମ୍' ଯୋଜନାରେ ରାଜ୍ୟର କେଉଁ କେଉଁ ପ୍ରାସାଦକୁ ହେରିଟେଜ୍ ହୋଟେଲ୍ ଏବଂ ହୋମ୍ ଷ୍ଟେ ରେ ପରିଣତ କରିବାକୁ କି କି ସର୍ତ୍ତ ଆଧାରରେ କେବେସୁଦ୍ଧା କେତେ ବ୍ୟୟ କରିବା ପାଇଁ ଯୋଜନା ରହିଛି ତାହା ପ୍ରକାଶ କରିବେ କି ?

## ଜଗମୋହନ ଲାଲାଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠାନ

**୨୧୯ . ଶ୍ରୀ ପ୍ରଶାନ୍ତ ବେହେରା :** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଆଦି ନାଟ୍ୟକାର ଜଗମୋହନ ଲାଲାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ସହ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଗଣକବି ବୈଷ୍ଣବ ପାଣିଙ୍କ କ୍ଷୁଦ୍ର ମୂର୍ତ୍ତୀ ସ୍ଥଳରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ବୟନିକାର କ୍ରୟ ବିକ୍ରୟ ବୃଦ୍ଧି ପାଇଁ ପଦକ୍ଷେପ

**୨୨୦ . ଶ୍ରୀ ପ୍ରଶାନ୍ତ ବେହେରା :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - 2020 ମାର୍ଚ୍ଚରୁ ଲକ ଡାଉନପରଠାରୁ ବୟନିକାର କେଉଁ ବିକ୍ରୟ କେନ୍ଦ୍ରରେ କେଉଁ ମାସରେ କେତେ ମୂଲ୍ୟର ବସ୍ତ୍ର ବିକ୍ରୟ ହୋଇଛି ଓ ବୟନିକାର ବସ୍ତ୍ର ବିକ୍ରୟ ବୃଦ୍ଧି ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ଖାଲିଥିବା ପଦବୀ ପୂରଣ

**୨୨୧ . ଶ୍ରୀ ପ୍ରଶାନ୍ତ ବେହେରା :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଥିବା କେଉଁ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ମାନଙ୍କରେ କେଉଁ ବର୍ଷରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ପର୍ଯ୍ୟଟନ ସ୍ଥଳୀର ବିକାଶ

**୨୨୨ . ଶ୍ରୀ ପ୍ରଶାନ୍ତ ବେହେରା :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ମହାନଦୀ, ଓ ତାହାର ଶାଖା ଓ ଉପନଦୀ ପାର୍ଶ୍ୱ ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିଭୂମୀ ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

## ଜନଯାତି ମାନଙ୍କର ଆତ୍ମ ନିଯୁକ୍ତି

**୨୨୩ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଭଦ୍ରକ ଜିଲ୍ଲାର ବିଭିନ୍ନ ଗ୍ରାମରେ ସ୍ଥାୟୀ ଭାବରେ ଅନେକ ସଂଖ୍ୟାରେ ଅନୁସୂଚିତ ଜନଜାତି ବାସ କରୁଥିବାରୁ ସେମାନଙ୍କର ଆତ୍ମନିଯୁକ୍ତି ନିମନ୍ତେ ଓଡିଶା ଅନୁସୂଚିତ ଜନଜାତି ଓ ଜାତି ସରକାରୀ ନିଗମରୁ ଆତ୍ମ ନିଯୁକ୍ତି ପାଇଁ ଋଣ ପ୍ରଦାନପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

## କମ୍ ଛାତ୍ର ଛାତ୍ରୀ ଥିବା Primary ବିଦ୍ୟାଳୟ ବନ୍ଦ

**୨୨୪ . ଶ୍ରୀ ପ୍ରଫୁଲ୍ଲ ସାମଲ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟର ମୋଟ କେତୋଟି Project Primary School ଙ୍କୁ ଆବଶ୍ୟକୀୟ ଛାତ୍ରଛାତ୍ରୀ ଉପସ୍ଥାନ କମ ଥିବାରୁ ବନ୍ଦ କରି ଦିଆଗଲା ଓ ଏହା ଫଳରେ କେତେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ effected ହୋଇଛନ୍ତି ବନ୍ଦ ହୋଇ ଯାଇଥିବା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନେ ନିକଟସ୍ଥ ବିଦ୍ୟାଳୟରେ ନାମ ସମସ୍ତେ ଲେଖାଇଲେ କି ନାହିଁ ତାହା ସମୀକ୍ଷା ହୋଇଛି କି ବନ୍ଦ ହୋଇ ଯାଇଥିବା ବିଦ୍ୟାଳୟ ଗୃହକୁ ଯେପରି ଅପବ୍ୟବହାର ନହୁଏ ସେଥିପ୍ରତି କି ପଦକ୍ଷେପ ଗ୍ରହଣ କରାଯାଇଛି ?

## ଓଡିଆ ଭାଷା ଆଇନ ଉପରେ ସଚେତନତା

**୨୨୫ . ଶ୍ରୀ ପ୍ରଫୁଲ୍ଲ ସାମଲ :** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡିଆ ଭାଷା ଆଇନ ସମ୍ପର୍କରେ ଅନେକ ଲୋକ ଅବଗତ ନଥିବା ସରକାର ହୃଦୟଙ୍ଗମ କରୁଛନ୍ତି କି ଉତ୍ତର ହଁ ହେଲେ ଆଇନ ସମ୍ପର୍କରେ ସଚେତନ କରାଇବାପାଇଁ ସରକାରଙ୍କର ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ଓଡିଆ ଭାଷା ଯେପରି ଅବହେଳିତ ନହୁଏ ସେଥିପାଇଁ ସରକାରଙ୍କର କାର୍ଯ୍ୟକ୍ଷମ କଣ ?

## ବାନ୍ଧକଳାକୁ ବିଶ୍ୱସ୍ତରୀୟ କରିବା ପାଇଁ ପଦକ୍ଷେପ

**୨୨୬ . ଶ୍ରୀ ପ୍ରଫୁଲ୍ଲ ସାମଲ :** ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଓଡିଶାର ବାନ୍ଧକଳାକୁ ବିଶ୍ୱସ୍ତରୀୟ କରିବାପାଇଁ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ବରଗଡ ଜିଲ୍ଲା ବାଲିଜୁରି ହାଟକୁ ଦେଶର ବୃହତ୍ତମ ପୋଷାକ ବଜାର କରିବାପାଇଁ ସରକାରଙ୍କର ପ୍ରସ୍ତାବ ଅଛି କି, ବୟନ ଓ ହସ୍ତତନ୍ତରେ ଘରୋଇ ପୁଞ୍ଜି ନେବେଶ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି କି ଓଡିଶା ଡିଜାଇନ ପ୍ରଚାରପାଇଁ ଆନ୍ତର୍ଜାତୀକ ଡିଜାଇନରଙ୍କୁ ଆମନ୍ତ୍ରଣ କରିବେ କି ?

## ହାଇସ୍କୁଲରେ ହେଡମାଷ୍ଟର ନିଯୁକ୍ତି

**୨୨୭ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ଏବେ କେତେ ହାଇସ୍କୁଲ (ଉଭୟ ସରକାରୀ ଓ ବେସରକାରୀ) ରେ ହେଡ ମାଷ୍ଟର ନାହାନ୍ତି କ୍ରମାଗତ ଭାବେ ଏପରି ସମସ୍ୟା ଲାଗି ରହିବାର କାରଣ କଣ ଏହାଦ୍ୱାରା ହାଇସ୍କୁଲ ମାନଙ୍କରେ ପାଠପଢା ମନମୁଖି ଚାଲୁ ଥିବାର ଅଭିଯୋଗ ସତ୍ୟ କି, (ଖ) କେବେ ସବୁ ହାଇସ୍କୁଲରେ ହେଡମାଷ୍ଟର ନିଯୁକ୍ତି ପାଇବେ ତାହା ନିର୍ଦ୍ଦିଷ୍ଟଭାବେ କହିବେ କି ?

## ସ୍କୁଲକୁ ବନ୍ଦ କରିବାର ପ୍ରସ୍ତାବ ସମ୍ପର୍କରେ

**୨୨୮ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ବର୍ତ୍ତମାନ ସୁଦ୍ଧା ଛାତ୍ର ଅଭାବ ଦର୍ଶାଇ କେତେ ପ୍ରାଥମିକ, ମାଧ୍ୟମିକ ଏବଂ ହାଇସ୍କୁଲକୁ ବନ୍ଦ କରିଦିଆଗଲାଣି ଆଉ କେତେ ସ୍କୁଲକୁ ବନ୍ଦ କରିବାର ପ୍ରସ୍ତାବ ଅଛି ତାହାର ବିଷଦ ବିବରଣୀ ଦେବେ କି, (ଖ) ବନ୍ଦ କରିବା ପରିବର୍ତ୍ତେ ସେହି ସ୍କୁଲ ଗୁଡିକୁ କିପରି ସକ୍ରିୟ କରାଯାଇ ପରିବ ତାହାର ତର୍ଜମା କରାଯିବ କି ?

## ଅର୍ଥ ନିଗମର ଋଣ ସହାୟତା

**୨୨୯ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଅନୁସୂଚିତ ଜନଜାତି ଏବଂ ଜାତିର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବାପାଇଁ ଏକ ଅର୍ଥ ନିଗମ ଗଠନ କରାଯାଇଥିଲାକି ତାହା ମୃତ ବତ୍ ପଡିରହିବାରକାରଣ କଣ ୨୦୧୫ ପରଠାରୁ ଅଦ୍ୟାବଧି ଏହା କେବେ ଋଣ ସହାୟତା କେତେ ଜଣଙ୍କୁ ଦେଇଛ ସେମାନଙ୍କ ମଧ୍ୟରେ କୋରାପୁଟର ଯୁବକ ଯୁବତୀଙ୍କ ସଂଖ୍ୟା କେତେ ?

## +2 କଲେଜରେ ସ୍ଥାନ ସଂରକ୍ଷଣ

**୨୩୦ . ଶ୍ରୀ ତାରା ପ୍ରସାଦ ବାହିନୀପତି :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଗୁଡିକରେ ଇଂରାଜୀମାଧ୍ୟମ ସ୍କୁଲ ଗୁଡିକରୁ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ଅଗ୍ରାଧିକାର ପାଇଥିବାବେଳେ ରାଜ୍ୟ ମାଧ୍ୟମିକ ବୋର୍ଡ (BSE) ଦ୍ୱାରା ପରିଚାଳିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ନିରାଶ ହେଉଛନ୍ତି କି ଏହି କାରଣରୁ BSE ଦ୍ୱାରା ନିୟନ୍ତ୍ରୀତ ହାଇସ୍କୁଲରେ ପାଠ ପଢା ପାଇଁ ଆଗ୍ରହ କମୁଛି କି, (ଖ) ଏହାକୁ ଦୃଷ୍ଟିରେ ରଖି BSE ଦ୍ୱାରା

ପରିଚାଳିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ସବୁ +2 କଲେଜରେ ଅର୍ଦ୍ଧେକ ସ୍ଥାନ ସଂରକ୍ଷଣ କରାଯିବ କି ?

## Vacancy of Teachers

**231 . Shri Pradip Kumar Amat :** Will the Minister for ST & SC Development, Minorities & Backward Classes Welfare be pleased to state that - How many ST/SC School are functioning in Baudh district what is the sanctioned teachers strength in each schools and what is the present strength place a detail report school wise , If there is any vacancy of teachers, than what step the Department is taking to fill up the vacant post ?

## ଜଙ୍ଗଲ ଜମି ରେକର୍ଡ କରିବାପାଇଁ ଦରଖାସ୍ତ

**୨୩୨ . ଶ୍ରୀ ପ୍ରଦୀପ କୁମାର ଅମାତ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ବଉଦ ଜିଲ୍ଲାରେ କେଉଁ କେଉଁ R.I. Circle ରେ କେତେ ସଂଖ୍ୟକ S.T. ସଂପ୍ରଦାୟର ବ୍ୟକ୍ତି ଜଙ୍ଗଲଜମି ନିଜନାମରେ ରେକର୍ଡ କରାଇବା ପାଇଁ ଦରଖାସ୍ତ କରିଛନ୍ତି କେତେଜଣ S.T. ଲୋକଙ୍କ ନାମରେ ବର୍ତ୍ତମାନ ସୁଦ୍ଧା କେତେ ପରିମାଣର ଜମି ପଟ୍ଟା କରାଯାଇଅଛି ଏବଂ ଆଉ କେତେ ଜଣ S.T ଲୋକଙ୍କ ଦରଖାସ୍ତ ବିଚାରଧିନ ଅଛି ବିଚାରଧିନ କେସ ଗୁଡିକ କେତେ ସମୟ ମଧ୍ୟରେ ଫଏସଲା କରାଯିବ ?

## Closer of Primary Schools

**233 . Shri Pradip Kumar Amat :** Will the Minister for School and Mass Education be pleased to state that - How many Primary, Upper Primary School have been proposed to be closed the different districts of the State. Place the name of the Schools, district-wise. What are the criteria for closer of these Schools. Whether the department have received many objections from public who have complied to defeat such criteria and are eligible for continuance of the Schools. In such case, what step the department will take to address those objection ?

## Low Cost Hostelର ପ୍ରଚଳନ

**୨୩୪ . ଶ୍ରୀ କିଶୋର ଚନ୍ଦ୍ର ନାୟକ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଆବାସିକ ପାଠପଢା ପାଇଁ ଜିଲ୍ଲାୱାରୀ

କେତୋଟି Low Cost Hostel ତଥା ଅନ୍ୟାନ୍ୟ Hostel ଅଛି ? ଯେଉଁ Low Cost Hostel ଗୁଡିକରେ ଚଳିତ ବର୍ଷ mission କରାଯାଇନାହିଁ ତାହାକୁ ସରକାର ପୁନଃଚାଲୁ କରିବା ପାଇଁ ପଦକ୍ଷେପ ନେବେ କି ?

**ITDA ତରଫରୁ ସହାୟତା**

**୨୩୫ . ଶ୍ରୀ କିଶୋର ଚନ୍ଦ୍ର ନାୟକ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୁଚିଣ୍ଡା ITDA ତରଫରୁ ଅଦ୍ୟାବଧି କେତେ ଜଣ ଆଦିବାସୀ ଛାତ୍ରୀଙ୍କୁ ANM ଓ GNM ପାଠ ପଢିବା ପାଇଁ ସହାୟତା ପ୍ରଦାନ କରାଯାଇଥିଲା ତନ୍ମଧ୍ୟରୁ କେତେ ଜଣଙ୍କୁ ସରକାରୀ ବା ବେସରକାରୀ ନିଯୁକ୍ତି ମିଳିଥିବା ବେଳେ କେତେ ଜଣଙ୍କୁ ପାସ କରିଥିଲେ ମଧ୍ୟ ତାଙ୍କର ସାଟିଫିକେଟ୍ ପ୍ରଦାନ କରାଯାଉନାହିଁ ଏବଂ କେବେ ସୁଦ୍ଧା ସଂପୃକ୍ତ ଅନୁଷ୍ଠାନ ଠାରୁ ସାର୍ଟିଫିକେଟ୍ ଆଣାଯାଇ ଛାତ୍ରୀଙ୍କୁ ପ୍ରଦାନ କରାଯିବ ତାହାର ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

**ବନ୍ଦ ସ୍କୁଲକୁ ପୁନଃ ଖୋଲିବା ପାଇଁ ବ୍ୟବସ୍ଥା**

**୨୩୬ . ଶ୍ରୀ କିଶୋର ଚନ୍ଦ୍ର ନାୟକ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ଯେଉଁ ବିଦ୍ୟାଳୟରେ ୨୧ ଛାତ୍ରଛାତ୍ରୀ ଥିଲେ ମଧ୍ୟ ବନ୍ଦ କରାଯାଇଛି ସେହି ବିଦ୍ୟାଳୟ ଗୁଡିକୁ ସରକାର ପୁନଃ ଖୋଲିବା ପାଇଁ ପଦକ୍ଷେପ ନେବେ କି ? ଚଳିତ ଶିକ୍ଷା ବର୍ଷର ଅଗଷ୍ଟ ମାସରେ କେତେ ସ୍କୁଲରେ ୨୧ରୁ ଉର୍ଦ୍ଧ ଛାତ୍ରଛାତ୍ରୀଥିଲେ ସେଥିମଧ୍ୟରୁ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର କେତେଟି ସ୍କୁଲ ଅଛି ଓ ଉକ୍ତ ସ୍କୁଲଗୁଡିକ ବନ୍ଦ ହୋଇଥିଲେ ପୁନଃ ଖୋଲିବା ପାଇଁ ପଦକ୍ଷେପ ନିଆଯିବ କି ?

**ଜଙ୍ଗଲ ଜମି ପଟ୍ଟା ବଣ୍ଟନ**

**୨୩୭ . ଶ୍ରୀ ଭବାନୀ ଶଙ୍କର ଭୋଇ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ସମୁଦାୟ କେତେ ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ଜିଲ୍ଲାୱାରୀ ଜଣାଇବେ କି ? ସୁନ୍ଦରଗଡ ଜିଲ୍ଲା ତଲସରା ନିର୍ବାଚନ ମଣ୍ଡଳୀର ପଞ୍ଚାୟତୱାରୀ କେତେ ଆଦିବାସୀଲୋକଙ୍କୁ ପଟ୍ଟା ଦିଆଯାଇଅଛି ଏବଂ ବର୍ତ୍ତମାନ ସୁଦ୍ଧା କେତେ ଆବେଦନକାରୀଙ୍କୁ ଦିଆଯାଇ ନାହିଁ ତାହା ସମ୍ପୂର୍ଣ୍ଣ ବିବରଣୀ ଦେବେ କି ?

**ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ**

**୨୩୮ . ଶ୍ରୀ ଭବାନୀ ଶଙ୍କର ଭୋଇ :** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ

ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସୁନ୍ଦରଗଡ ଜିଲ୍ଲାରେ ସମୁଦାୟ କେତୋଟି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ବିଦ୍ୟାଳୟ ଅଛି ତା'ର ପୂର୍ଣ୍ଣାଙ୍ଗ କ୍ଷମତା କେତେ ତା' ମଧ୍ୟରୁ କେତେ କାର୍ଯ୍ୟକ୍ଷମ ଅଛି ଏବଂ କେତେ ଅକ୍ଷମ ଅଛି ତା'ର ସଂପୂର୍ଣ୍ଣ ବିବରଣୀ ଦେବେ କି ?

## ପଦବୀ ପୂରଣ ପାଇଁ ନିଯୁକ୍ତି ବ୍ୟବସ୍ଥା

**୨୩୯ . ଶ୍ରୀ ଅମର ପ୍ରସାଦ ଶତପଥୀ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ସଂଖ୍ୟା କେତେ, କେତେଗୋଟି ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀ ଅଛି ? (ଖ) ଏଭଳି ପ୍ରଧାନଶିକ୍ଷକଙ୍କ ସମେତ କେତେଗୋଟି ଶିକ୍ଷକ ପଦବୀରେ ଶିକ୍ଷକ କାର୍ଯ୍ୟରତ ନାହାଁନ୍ତି ଓ ପଦବୀ ପୂରଣ ପାଇଁ ଆବଶ୍ୟକୀୟ ନୂତନ ନିଯୁକ୍ତି ବ୍ୟବସ୍ଥା କରିବେ କି ?

## ଖାଲିଥିବା ୪ର୍ଥ ଶ୍ରେଣୀ ପଦବୀ ପାଇଁ ନିଯୁକ୍ତି ପ୍ରଦାନ

**୨୪୦ . ଶ୍ରୀ ଅମର ପ୍ରସାଦ ଶତପଥୀ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - (କ) ରାଜ୍ୟରେ ଥିବା ବିଦ୍ୟାଳୟରେ କେତେ ସଂଖ୍ୟକ ୪ର୍ଥ ଶ୍ରେଣୀ କର୍ମଚାରୀ ନାହାଁନ୍ତି ଓ ବିଦ୍ୟାଳୟରେ ଶୃଙ୍ଖଳିତ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଓ ସୁସ୍ଥ ପରିବେଶ ପାଇଁ ଖାଲିଥିବା ଚ଼ତୁର୍ଥ ଶ୍ରେଣୀ ପଦବୀର ନୂତନ ନିଯୁକ୍ତି ପ୍ରଦନ ପାଇଁ ପଦକ୍ଷେପ ନେବେ କି ?

## ଖାଲିଥିବା ଶିକ୍ଷକ ପଦବି ପୂରଣ

**୨୪୧ . ଶ୍ରୀମତୀ କୁସୁମ ଟେଟେ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ କେତେ ଜଣ ଶିକ୍ଷକ ପଦବୀ ଖାଲି ଅଛି ଓ କେବେ ସୁଦ୍ଧା ତାହା ପୂରଣ କରାଯିବ । ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପଛୁଆ ବର୍ଗର ବିକାଶ ପାଇଁ କେଉଁ କେଉଁ ପଦକ୍ଷେପ ଗ୍ରହଣ କାରଯାଇଛି ଓ କେତେ ଜଣ ଉପକୃତ ହୋଇଛନ୍ତି ଏବଂ ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କେଉଁ ସବୁ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ କେତେ ଟଙ୍କା ଅନୁମୋଦନ କରାଯାଇଛି ।

## ସ୍ୱତନ୍ତ୍ର ରୋଷେଇ ଘର ନିର୍ମାଣ

**୨୪୨ . ଶ୍ରୀ ସତ୍ୟନାରାୟଣ ପ୍ରଧାନ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ଓ ଓଡଗାଁ ବ୍ଲକରେ କେତେ ସଂଖ୍ୟକ ସ୍କୁଲରେ Mid Day Meal ପାଇଁ ସ୍ୱତନ୍ତ୍ର ରୋଷେଇ ଘର ନାହିଁ ଏବଂ sanitation ପାଇଁ

Overhead Tank ସହିତ ପିଇବା ପାଣିର ସୁବିଧା ଥିବା ଏବଂ Toilet ନାହିଁ ଜଣାଇବେ କି ? ସେହି ସବୁ ସ୍କୁଲମାନଙ୍କରେ ରୋଷେଇ ଘର, Toilet ଏବଂ Overhead Tank ସହିତ ପାଣିର ବ୍ୟବସ୍ଥା କରିବା ପାଇଁ ବ୍ୟବସ୍ଥା କରିବେ କି ?

## ପର୍ଯ୍ୟଟନ ବୃଦ୍ଧି ପାଇଁ ପଦକ୍ଷେପ

**୨୪୩ . ଶ୍ରୀ ସୁରେଶ କୁମାର ରାଉତରାୟ :** ପର୍ଯ୍ୟଟନ ମନ୍ତ୍ରୀ ଅନୁଗ୍ରହ କରି କହିବେ କି - ରାଜ୍ୟରେ ପର୍ଯ୍ୟଟକ ବୃଦ୍ଧି ପାଇଁ ସରକାର କ'ଣ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଉକ୍ତ କାର୍ଯ୍ୟ ପାଇଁ କେତେ ଅର୍ଥ ବିନିଯୋଗର ଲକ୍ଷ୍ୟ ରଖିଛନ୍ତି ଜଣାଇବେ କି ?

## ଅନ୍ ଲାଇନ୍ ଶିକ୍ଷାଦାନରେ ଉପକୃତ ଛାତ୍ରଛାତ୍ରୀ

**୨୪୪ . ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ :** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଅନୁଗ୍ରହ କରି କହିବେ କି - କୋଭିଡ୍-୧୯ ଲକ୍ ଡାଉନ୍ ଯୋଗୁଁ ଅନ୍ ଲାଇନ୍ ଶିକ୍ଷାଦାନରେ ରାଜ୍ୟର କେତେ ପ୍ରତିଶତ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ? ମୋବାଇଲ୍ ଫୋନ୍ ଓ ନେଟୱର୍କ ସମସ୍ୟା ଯୋଗୁଁ ଉପାନ୍ତ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଞ୍ଚିତ ହେଉଥିବାରୁ ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କ'ଣ ଜଣାଇବେ କି ?

**( Computerised By N.I.C  Odisha State Unit and Compiled at O.L.A Computer Center.)**